# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st August - 2025**

**************************************

***Desk***

## ରାସ୍ତାଘାଟ ମରାମତି ନୀତି

ରାଜ୍ୟରେ ଖୁବ୍‌ଶୀଘ୍ର ରାସ୍ତା ମରାମତି ନୀତି ଘୋଷଣା କରାଯିବ ବୋଲି ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସଡ଼କ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ସମୀକ୍ଷା ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି, ରାସ୍ତାଘାଟ ଏବଂ କୋଠାବାଡ଼ିର ନିର୍ମାଣ ସହ ଏହାର ମରାମତିକୁ ଗୁରୁତ୍ୱ ଦେବାପାଇଁ ରାସ୍ତା ମରାମତି ନୀତି ଅଣାଯିବ ।

***Voice (Harichandan)*** :........

***BBSR/R***

## କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଅପରାହ୍ଣରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ

ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

## ନୂଆ ୟୁ.ପି.ଆଇ. ନିୟମ

ଭାରତୀୟ ଜାତୀୟ ପୈଠ ନିଗମ ଆଜିଠାରୁ ୟୁ.ପି.ଆଇ. ଦେଣନେଣ କ୍ଷେତ୍ରରେ କେତେକ ପରିବର୍ତ୍ତନ କରିଛନ୍ତି । ଉପଭୋକ୍ତାମାନେ ଗୋଟିଏ ଦିନରେ ସର୍ବାଧିକ ୫୦ ଥର ବାଲାନ୍ସ ଯାଞ୍ଚ କରିବା ଏବଂ ୨୫ ଥର ବ୍ୟାଙ୍କ୍ ତଥ୍ୟ ଲାଗି ୟୁ.ପି.ଆଇ. ବ୍ୟବହାର କରିପାରିବେ । ୟୁ.ପି.ଆଇ. ମାଧ୍ୟମରେ ପୈଠ କରୁଥିବା ବ୍ୟକ୍ତିଙ୍କ ପଞ୍ଜିକୃତ ନାମ ଉପଭୋକ୍ତା ଜାଣିପାରିବା ନେଇ ବ୍ୟବସ୍ଥା କରାଯାଇଛି ।

*Desk*

## ପୁରୀ ଦଳାଚକଟା ରିପୋର୍ଟ

ଉନ୍ନୟନ କମିଶନର ଅନୁ ଗର୍ଗ ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାର ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :

*ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ସରକାରଙ୍କ ପକ୍ଷରୁ ଉନ୍ନୟନ କମିଶନରଙ୍କୁ ଦିଆଯାଇଥିଲା । ଏଥିପାଇଁ ଅନ୍ୟ ଏକ କମିଟି ମଧ୍ୟ ଗଠନ*

*କରାଯାଇଥିଲା । ଉନ୍ନୟନ କମିଶନର ଅନୁ ଗର୍ଗ ଏହି ମାମଲାରେ ପୁରୀ ଓ ଭୁବନେଶ୍ୱରଠାରେ ବିଭିନ୍ନ ସରକାରୀ ଅଧିକାରୀ, ରଥଯାତ୍ରା ସହିତ ଜଡ଼ିତ ସେବାୟତ ତଥା ସାଧାରଣ ଲୋକଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ । ଶ୍ରୀମତୀ ଗର୍ଗ ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ପରେ ଘଟଣାର ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି । ତଦନ୍ତ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।*

***ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ଚନ୍ଦନ ଘୋଷ ।***

***Desk***

# ଚାଷୀ ପଞ୍ଜୀକରଣ

ଚଳିତ ଖରିଫ୍ ଋତୁପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ ଅବଧିକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇଛି । ଗତକାଲି ସୁଦ୍ଧା ୩ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

*Desk*

# ବି.ଏଡ୍‌. ମେଧାତାଲିକା

ରାଜ୍ୟରେ ଦୁଇବର୍ଷିଆ ବି.ଏଡ୍‌., ବି.ଏଚ୍‌.ଏଡ୍‌. ଓ ଏମ୍‌.ଏଡ୍‌. ପାଠ୍ୟକ୍ରମ ଲାଗି ପରବର୍ତ୍ତିତ ସମୟସୂଚୀ ପ୍ରକାଶ ପାଇଛି । ଆଜି ପ୍ରବେଶିକା ପରୀକ୍ଷାର ପରିବର୍ତ୍ତିତ ମାର୍କ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ୪ ତାରିଖ ମଧ୍ୟରେ ପୂର୍ବରୁ ଦେଇଥିବା ଚଏସ୍‌ ଲକିଂ ବଦଳାଇ ପାରିବେ । ଅଗଷ୍ଟ ୮ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ଆସନ୍ତା ୧୧ରୁ ୧୩ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ ।

*Desk*

# ଆସ ଯିବା ଅଙ୍ଗନୱାଡ଼ି

ରାଜ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନକୁ ପ୍ରାଥମିକତା ଦେବା ସହ ଏ ସମ୍ପର୍କିତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉପଲକ୍ଷେ ରାଜ୍ୟରେ ‘ଆସ ଯିବା ଅଙ୍ଗନୱାଡ଼ି’ ଅଭିଯାନ ଆରମ୍ଭ ହେଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି ।

ଫୁସ୍‌ଫୁସ୍‌ କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଫୁସ୍‌ଫୁସ୍‌ କ୍ୟାନ୍‌ସର ଦିବସ ମଧ୍ୟ ପାଳନ କରାଯାଉଛି ।

*Sambalpur/R*

# ଫାଇଲେରିଆ ନିରାକରଣ

ସମ୍ବଲପୁର ଜିଲ୍ଲାରେ ଫାଇଲେରିଆ ରୋଗ ନିରାକରଣପାଇଁ ସାମୂହିକ ବଟିକା ସେବନ, ଜାତୀୟ କୀଟନାଶକ ଦିବସ ଓ ମ୍ୟାଲେରିଆ ପ୍ରତିରୋଧକ ମାସ ତଥା ଡେଙ୍ଗୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଦ୍ୱିତୀୟ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆସନ୍ତା ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଲିମ୍ଫାଟିକ୍ ଫାଇଲେରିଆ ନିରାକରଣପାଇଁ ଔଷଧ ବିତରଣ କରାଯିବ ।

*Desk*

# ଭିତରକନିକା

ପର୍ଯ୍ୟଟକଙ୍କପାଇଁ ଆଜିଠାରୁ କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବ। ପର୍ଯ୍ୟଟକମାନେ ପ୍ରଥମ ଥର ପାଇଁ ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ ପରିବେଶ ମଧ୍ୟରେ ବହି ପଢ଼ିବାର ସୁଯୋଗ ପାଇପାରିବେ।

*Khurda/R*

# ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ସଭାଗୃହରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଯାତନା ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ସଚେତନତା କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

*Bhadrak/R*

# ଉଦ୍ୟୋଗୀ କର୍ମଶାଳା

ଭଦ୍ରକ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଭଣ୍ଡାରୀପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତରେ ଚାଲିଥିବା ୧୨ ଦିନିଆ ଉଦ୍ୟୋଗୀ କର୍ମଶାଳା ଉଦ୍‌ଯାପିତ ହୋଇଛି । କର୍ମଶାଳାରେ ଯୁବକ-ଯୁବତୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିଳ୍ପ ଯୋଜନାରେ ଆତ୍ମନିର୍ଭରଶୀଳ ହେବା ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା ।

*Met. O.*

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*Desk*

# ଜୁନିୟର ମହିଳା ହକି

ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରେ ଆଜିଠାରୁ ଆରମ୍ଭ ହେଉଥିବା ଜାତୀୟ ଜୁନିୟର୍ ମହିଳା ହକି ଚାମ୍ପିୟନ୍‌ସିପ୍‌ରେ ଓଡ଼ିଶା ସମେତ ୩୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଡିଭିଜନଭିତ୍ତିକ ଢାଞ୍ଚାରେ ମ୍ୟାଚ୍ ଖେଳାଯିବ ।

*****